# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**17 October – 2024**

**News Editor :*Itishree Singh Rathaur***

## ନାରୀ ନ୍ୟାୟମୂର୍ତ୍ତି

ବ୍ରିଟିଶ ଶାସନ ଅମଳରୁ ନ୍ୟାୟାଳୟରେ ପ୍ରତୀକ ଭାବେ ରଖାଯାଇଥିବା ନାରୀ ନ୍ୟାୟମୂର୍ତ୍ତିକୁ ସୁପ୍ରିମକୋର୍ଟ ବଦଳାଇଛନ୍ତି । ଭାରତୀୟ ନ୍ୟାୟ ବ୍ୟବସ୍ଥାର ପରିବର୍ତ୍ତିତ ରୂପକୁ ପ୍ରଦର୍ଶିତ କରିବା ଉଦ୍ଦେଶ୍ୟରେ ନାରୀ ନ୍ୟାୟମୂର୍ତ୍ତି ଆଖିରୁ ଅନ୍ଧପୁଟୁଳି ଖୋଲି ଦିଆଯିବା ସହ ହାତରେ ଖଣ୍ଡା ବଦଳରେ ସମ୍ବିଧାନ ରଖାଯାଇଛି । ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ ନୂଆ ପ୍ରତୀକକୁ ଉନ୍ମୋଚନ କରି ଦେଶର ନ୍ୟାୟ ବ୍ୟବସ୍ଥା ଅନ୍ଧ ନୁହେଁ ବୋଲି କହିଛନ୍ତି ।

## ପ୍ରତିମୂର୍ତ୍ତି ସ୍ଥାପନ

ରାଜ୍ୟର ବିଭିନ୍ନ ସ୍ଥାନରେ ୨୦ଜଣ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଲୋକପ୍ରିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଜିଲ୍ଲା ପ୍ରଶାସନ ଓ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଠାରୁ ମିଳିଥିବା ପ୍ରସ୍ତାବ ସମ୍ବନ୍ଧରେ ଆଲୋଚନା ପରେ ତାଲିକା ଚୂଡାନ୍ତ କରାଯାଇଛି । ଭୁବନେଶ୍ୱରରେ କୁନ୍ତଳା କୁମାରୀ ସାବତ, କବିଶେଖର ଚିନ୍ତାମଣି ମହାନ୍ତି, କଟକରେ

ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ମଧୁସୂଦନ ଦାସ, ଅଟଳ ବିହାରୀ ବାଜପେୟୀ, ବାଲେଶ୍ୱରରେ ଫକୀର ମୋହନ ସେନାପତି, ବାଘାଜତିନ୍ ଓ କେନ୍ଦ୍ରାପଡାରେ ଭଜନ ସମ୍ରାଟ ଭିକାରୀ ବଳଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ । ପ୍ରାଥମିକତା ଭିତ୍ତିରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନା କରାଯିବ ବୋଲି ସଂସ୍କୃତିମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ଦିଲ୍ଲୀରେ ଓଡ଼ିଆ ଯୁବତୀଙ୍କୁ ଅସଦାଚରଣ ଘଟଣାରେ ବିଭିନ୍ନ ଦିଗ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସମୀକ୍ଷା କରିଛନ୍ତି । ଗତକାଲି ନୂଆଦିଲ୍ଲୀ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ତଦନ୍ତର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ତଦନ୍ତର ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି ।

## ଶ୍ରୀମନ୍ଦିର-ଶ୍ରଦ୍ଧାଳୁ ପ୍ରବେଶ

କାର୍ତ୍ତିକ ମାସରେ ଶ୍ରଦ୍ଧାଳୁ ଓ ହବିଷ୍ୟାଳୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମହାପ୍ରଭୁଙ୍କ ଦର୍ଶନ ଲାଗି ଚାରିଦ୍ୱାର ବଦଳରେ ଦୁଇ ଦ୍ୱାର ଦେଇ ଭକ୍ତ ଓ ଶ୍ରଦ୍ଧାଳୁ ଶ୍ରୀମନ୍ଦିରରେ ପ୍ରବେଶ କରିବେ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଅନୁଯାୟୀ ଆସନ୍ତାକାଲିଠାରୁ ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଓ ପଶ୍ଚିମଦ୍ୱାର ଦେଇ ପ୍ରବେଶ କରିବେ ଓ ସିଂହଦ୍ୱାର ବ୍ୟତୀତ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବେ ।

# ସୂଚନା ଅଧିକାର ଆଇନ୍

ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁ-ସଂହତ କରିବାରେ ସୂଚନା ଅଧିକାର ଆଇନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ସୂଚନା ଅଧିକାର ଆଇନ୍‌ର ୧୯ବର୍ଷ ପୂର୍ତ୍ତି ପାଳନ ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଜନସାଧାରଣଙ୍କୁ ଯେଭଳି ସୁବିଧାରେ, ସହଜରେ ଓ କମ୍ ମୂଲ୍ୟରେ ସୂଚନା ମିଳିପାରିବ ସେ ନେଇ ରାଜ୍ୟ ସରକାର ଯୋଜନା କରୁଛନ୍ତି ।

# ଶ୍ରୀଜୀଉଙ୍କ ନୀତିକାନ୍ତି

ପୁରୀ ଶ୍ରୀମନ୍ଦିରରେ ଆଜି କୁମାରପୂର୍ଣ୍ଣିମା ଉପଲକ୍ଷେ ମହାପ୍ରଭୁଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ । ପରମ୍ପରା ଅନୁଯାୟୀ ମଧ୍ୟାହ୍ନ ଧୂପନୀତି ଶେଷ ହେବା ପରେ ଶ୍ରୀ ଦେବୀ ଓ ଭୂଦେବୀଙ୍କୁ ଖଟ ଶେଜ ଘରେ ବିଜେ କରାଯିବ । ଶ୍ରୀ ସୁଦର୍ଶନ ମହାପ୍ରଭୁ ଚାରି ଆଶ୍ରମକୁ ବିଜେ କରିବା ପରେ ପଙ୍‌କ୍ତିଭୋଗ ଓ ବନ୍ଦାପନା ନୀତି କରାଯିବ । ପରେ ପଶ୍ଚିମଦ୍ୱାର ଦେଇ ଶ୍ରୀ ସୁଦର୍ଶନ ଶ୍ରୀମନ୍ଦିର ମଧ୍ୟକୁ ପ୍ରତ୍ୟାବର୍ତ୍ତନ କରିବେ । ବଡସିଂହାର ଭୋଗ ପରେ ରତ୍ନ ସିଂହାସନ ତଳେ ଓ ଉପରେ ସକଟା, ପଶା ଓ କଉଡି ଖେଳ ହେବ । ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ତରଫରୁ ପ୍ରତିନିଧି ଭାବେ ମୁଦିରସ୍ତ ଓ ଲକ୍ଷ୍ମୀଙ୍କ ପ୍ରତିନିଧି ଭାବେ ଭିତରଛ ମହାପାତ୍ର ୨୧ଟି ହିଙ୍ଗୁଳ କଉଡି, ୨୧ଟି ରୂପା କଉଡି ଓ ପଶା ସକଟାରେ ଖେଳିବେ ।

# ଓଡ଼ିଆ ଲିପି

ଓଡ଼ିଆ ଭାଷାରେ ସହଜରେ ଟାଇପ୍ କରିବା ନିମନ୍ତେ ଓଡ଼ିଆ ଭର୍ଚୁଆଲ ଏକାଡେମୀ ଓଡ଼ିଆ ଲିପି ଉପକରଣର ଶୁଭାରମ୍ଭ ହୋଇଛି । ଓଡ଼ିଆ ଭାଷାରେ ପାଠ୍ୟରଚନା, ସମ୍ପାଦନା ଏବଂ କମ୍ପ୍ୟୁଟରରେ ସହଜ ଓ ସରଳ ଭାବେ ବ୍ୟବହାର ନେଇ ଓଡ଼ିଆ ଲିପି ବିକଶିତ କରାଯାଇଛି । ଓଡ଼ିଆ ଲିପି ସହ ସାନ୍ତାଳି ଭାଷା ପାଇଁ ମଧ୍ୟ କି-ବୋର୍ଡ ଏବଂ ଫଣ୍ଟ ବିକଶିତ କରାଯାଉଛି । ଓଡ଼ିଆ ଭର୍ଚୁଆଲ ଏକାଡେମୀର ୱେବ୍‌ସାଇଟ୍‌ରୁ ଏଗୁଡ଼ିକ ମାଗଣାରେ ଡାଉନ୍‌ଲୋଡ କରାଯାଇପାରିବ ବୋଲି କୁହାଯାଇଛି ।

# ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ ଦିବସ

ଦାରିଦ୍ର୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ ଦିବସ । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ସାମାଜିକ, ଆନୁଷ୍ଠାନିକ ଅସଦାଚରଣର ସମାପ୍ତି- ନ୍ୟାୟପୂର୍ଣ୍ଣ, ଶାନ୍ତିପୂର୍ଣ୍ଣ ଏବଂ ଅର୍ନ୍ତଭୁକ୍ତ ସମାଜ ପାଇଁ ଏକତ୍ର କାର୍ଯ୍ୟକରିବା' । ୧୯୯୨ରେ ମିଳିତ ଜାତିସଂଘରେ ଏହି ଦିବସ ପାଳନ ପାଇଁ ପ୍ରସ୍ତାବଗୁଡ଼ିକ ଗୃହୀତ ହୋଇଥିଲା ।

# ନାମଲେଖା ଅବଧି

ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ନାମଲେଖା ଅବଧିକୁ ଚଳିତମାସ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପୂର୍ବରୁ ନାମଲେଖା

ସମୟସୀମା ଅକ୍ଟୋବର ୧୫ ତାରିଖ ଥିବାବେଳେ ସେମିଷ୍ଟାର ଓ ସାର୍ଟିଫିକେଟ୍ ପାଠ୍ୟକ୍ରମ ବ୍ୟତୀତ ଅନ୍ୟସମସ୍ତ ପାଠ୍ୟକ୍ରମ ପାଇଁ ଚଳିତମାସ ୩୧ ତାରିଖ ମଧ୍ୟରେ ନାମ ଲେଖାଯାଇ ପାରିବ ବୋଲି ଜଣାପଡିଛି ।

## ଲ ରିଭିଜନ କମିଶନ

ଅଦରକାରୀ ଓ ଅପ୍ରାସଙ୍ଗିକ ଆଇନ୍‌ଗୁଡ଼ିକରେ ଆବଶ୍ୟକୀୟ ପରିବର୍ତ୍ତନ ଲକ୍ଷ୍ୟରେ ରାଜ୍ୟ ସରକାର ଲ' ରିଭିଜନ୍ କମିଶନ ଗଠନ କରିବେ ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସମୟକ୍ରମେ ଆଇନ୍‌ଗୁଡ଼ିକର ସଂଶୋଧନ ଓ ନବୀକରଣ କରିବା ଉଦ୍ଦେଶ୍ୟରେ ଆଗାମୀ ୪୫ ଦିନ ମଧ୍ୟରେ ଲ'ରିଭିଜନ କମିଶନ ଗଠନ କରାଯିବ ବୋଲି ସେ କହିଛନ୍ତି। ସେହିପରି ସୂଚନା ଅଧିକାର ଆଇନ୍ ୨୦୦୫ରେ ଯେଉଁ ସଂଶୋଧନ ଆବଶ୍ୟକତା ରହିଛି ସେଥିପାଇଁ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ପାଣିପାଗ

ଦକ୍ଷିଣପୂର୍ବ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତରେ ପରିଣତ ହୋଇଛି । ଓଡ଼ିଶା ଉପରେ ଏହାର ପ୍ରଭାବ ନଥିବାରୁ ରାଜ୍ୟରେ ପାଗ ଶୁଖିଲା ରହିଛି । ତେବେ ଆସନ୍ତା ୨୧ ତାରିଖ ବେଳକୁ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ଆଉଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ଆକଳନ

ଅନୁଯାୟୀ ଆଜି କଟକ, ଖୋର୍ଦ୍ଧା, ନୟାଗଡ, ପୁରୀ, ଗଞ୍ଜାମ ଓ ଗଜପତି ଜିଲ୍ଲାର କିଛି ସ୍ଥାନରେ ସାମାନ୍ୟ ବର୍ଷା ସମ୍ଭାବନା ରହିଛି ।